Daily Edition:
RNI No.ODIODI/2010/33791

ଗୁରୁବାର, ୨୧ସେପ୍ଟେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୪୨

Bhubaneswar,
**Thursday, 21 September 2017**
Volume VIII, Issue No 42

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

**ଆଜିର ତିଥି :**
କନ୍ୟା ୫ ଦିନ ; ଆଶ୍ୱିନ ପ୍ରତିପଦ
୧୯୩୯ ଶକାବ୍ଦ, ୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥ୍ ଧାମନ୍ତି

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର




**ପ୍ରସଙ୍ଗ** Email : srutimedia@gmail.com

ଖରିଫ ଋଣ ଦେବାର ଶେଷ ତାରିଖ ସେପ୍ଟେମ୍ବର ୩୦ ହୋଇଥିବାବେଳେ ୯ ଦିନ ମଧ୍ୟରେ ସରକାର ଏହା ଯୋଗାଇପାରିବ ତ ?

୨୦/୯ ର ଉତ୍ତର

ଏଣିକି ହରତାଳ ବା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହେବ କି ?

| | |
|---|---|
| ନା | ୪୦% |
| ହଁ | ୬୦% |

## ଭିତର ପୃଷ୍ଠାରେ



ଡେରା ମୁଖ୍ୟାଳୟ ପୋତାଯାଇଛି ୬୦୦ କଙ୍କାଳ



ବିଧାନସଭାରେ ବର୍ତ୍ତମାନ ଆସ୍ଥା ଭୋଟ ହେବନି



ଗିରଫ ହେବେ ରିୟାନ ସ୍କୁଲ ମାଲିକ !

### ୨୭୦୯ ସମବାୟ ସଂସ୍ଥାରେ ୧୦ ଦିନ ଧରି ତାଲା ଝୁଲୁଛି ତାଲା

# ଫେଲ ମାରିବ ଖରିଫ ଋଣ ଟାର୍ଗେଟ !

**ସମବାୟ କର୍ମଚାରୀଙ୍କ ଦାବି ପୁରଣ ପାଇଁ ଆଇନ ଆଣିବାକୁ ହେବ: ସୂର୍ଯ୍ୟନାରାୟଣ ପାତ୍ର**

ଭୁବନେଶ୍ୱର, ୨୦/୯(ଶ୍ରୁ.ମି.): ଋଣ ଦେବାକୁ ଚାଷୀ ଖୋଜୁଛନ୍ତି ସରକାର । ଡେଡଲାଇନ ସେପ୍ଟେମ୍ବର ୩୦ । ଟାର୍ଗେଟ ପୁରଣ ପାଇଁ ରାଜ୍ୟର ସମସ୍ତ ସମବାୟ ବ୍ୟାଙ୍କ ଅଧିକାରୀଙ୍କ ପାଖକୁ ଚିଠି ଲେଖିଛନ୍ତି ସରକାର । ଚିଠିରେ ଥିବା ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁରେ ୭୦୦୦କୋଟି ଟଙ୍କାର ଋଣ ଦେବାକୁ ଲକ୍ଷ ରଖିଥିଲେ ରାଜ୍ୟ ସରକାର । କିନ୍ତୁ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷ ୫୬ ହଜାର ୨ଶହ ୨୮ଜଣ ଚାଷୀଙ୍କୁ ମାତ୍ର ୫ହଜାର ୪ଶହ ୯୯କୋଟି । ଯାହାକି ମୋଟ ଋଣର ୭୯ ପ୍ରତିଶତ । ଡେଡ ଲାଇନ ପୁରିବାକୁ ହାତରେ ଆଉମାତ୍ର ୯ ଦିନ ବାକିଥିବା ବେଳେ ବଳକା ୨୧ ପ୍ରତିଶତ ଋଣ କିପରି ଦିଆଯିବ ସେନେଇ ଚିନ୍ତାରେ




ସରକାର । ରାଜ୍ୟର କେବଳ ବୌଦ୍ଧ ଜିଲ୍ଲାରେ ୧୦୦ ପ୍ରତିଶତ ଟାର୍ଗେଟ ହାସଲ କରାଯାଇଛି । ସେହିପରି ସବୁଠୁ ନୈରାଶ୍ୟ ଜନକ ସ୍ଥିତି ରହିଛି କୋରାପୁଟ ଓ ମାଲକାନଗିରି ଜିଲ୍ଲା । ମାଲକାନଗିରିରେ ମାତ୍ର ୫୨ ପ୍ରତିଶତ ଖରିଫ ଋଣ ପ୍ରଦାନ କରାଯାଇଥିବା ବେଳେ କୋରାପୁଟରେ ୬୮ ପ୍ରତିଶତ ଋଣ ପ୍ରଦାନ କରାଯାଇଛି । ଋଣ ପ୍ରଦାନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଗୁଡିକ ମଧ୍ୟରେ ଢେଙ୍କାନାଳରେ ୬୭ପ୍ରତିଶତ, ରାୟଗଡାରେ ୬୬ ପ୍ରତିଶତ ଓ ନବରଙ୍ଗପୁରରେ ମଧ୍ୟ ୬୬ ପ୍ରତିଶତ ଋଣ ଯୋଗାଇ ଦିଆଯାଇଛି ବୋଲି ରାଜ୍ୟ ସରକାର ଦାବି କରିଛନ୍ତି । ଏକ ରିପୋର୍ଟ ଅନୁସାରେ ଚାଷୀ ମାନେ ବର୍ତ୍ତମାନ ସୁଦ୍ଧା ଠିକ ଭାବେ ଋଣ ପାଉନଥିବା ନେଇ ଅଭିଯୋଗ ଆସିଛି । ତେବେ ସରକାର ଋଣ ଦେବାକୁ ନିର୍ଦ୍ଦେଶ ଦେଉଥିବା ▶୩ ପୃଷ୍ଠାରେ

### ବିଚାରପତି ଙ୍କ ଘରେ ସିବିଆଇ ପ୍ରବେଶ ପ୍ରତିବାଦରେ ହାଇକୋର୍ଟ ବାର ର କାର୍ଯ୍ୟବନ୍ଦ

# ସିବିଆଇ ଟିମ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ମାମଲା ରୁଜୁ

କଟକ, ୨୦/୯(ଶ୍ରୁ.ମି.) : ହାଇକୋର୍ଟ ର ଜଣେ ବିଚାରପତି ଙ୍କ ଘରେ ଭୂଲ ରେ ସିବିଆଇ ପଶିଯାଇଥିବା ଘଟଣାର ପ୍ରତିବାଦ ରେ ହାଇକୋର୍ଟ ବାର ଆସୋସିଏସନ ଆଭିମୁଖ୍ୟ କୁ କଠୋର କରିବା ସହ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି । ଏହାର ପ୍ରତିବାଦରେ ଆଜି ଠାରୁ ଆସନ୍ତାକାଲି ଅପରାହ୍ନ ପର୍ଯ୍ୟନ୍ତ ବାର ଆସୋସିଏସନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ର ଡାକରା ଦିଆଯାଇଛି । ଆସନ୍ତାକାଲି ଅପରାହ୍ନ ୧ ଟା ୧୫ ମିନିଟ ସମୟରେ ବାର ଆସୋସିଏସନ ର ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କୁହାଯାଇଛି । ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ସିବିଆଇ ଅଫିସର ମାନଙ୍କୁ ତୁରନ୍ତ ନିଲମ୍ବନ କରିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏବଂ



ଫୌଜଦାରୀ ପଦକ୍ଷେପ ଗ୍ରହଣ କରିବାକୁ ଆସୋସିଏସନ ପକ୍ଷରୁ ଦାବି କରାଯାଇଛି । ଆଜି ବସିଥିବା ହାଇକୋର୍ଟ ବାର ଆସୋସିଏସନ ର ବୈଠକ ରେ ଏ ବିଷୟ ଆଲୋଚନା କରାଯିବା ସହ ଏହି ଦାବି କରାଯାଇଛି । ବାର ପକ୍ଷରୁ କୁହାଯାଇଛି ରାଜ୍ୟ କିମ୍ବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଉପରେ ବିଶ୍ୱାସ ନାହିଁ । ତେଣୁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ର ସିଟିଂ ଜଜ୍ ଙ୍କ ଦ୍ୱାରା ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ କରାଇବାକୁ ବାର ଆସୋସିଏସନ ପକ୍ଷରୁ ଦୃଢ ଦାବି ଉପସ୍ଥାପନ କରାଯିବା ସହ ଏ ସମ୍ପର୍କରେ ହାଇକୋର୍ଟ ର ମାନ୍ୟବର ମୂଖ୍ୟ ବିଚାରପତି ଙ୍କୁ ସାକ୍ଷାତ କରାଯାଇଛି । ମିଳିଥିବା ଖବର ଅନୁସାରେ ସିବିଆଇ ଟାର୍ଗେଟରେ ଥିଲେ ବିଚାରପତି ଜଷ୍ଟିସ ଆଇଏମ କୁଦ୍ଦୁସୀ । ତେବେ ପୂର୍ବରୁ କ୍ୟାଣ୍ଟନମେଂଟ ରୋଡ ରେ ସେ ରହୁଥିବା କ୍ୱାର୍ଟର(ଆଇଏସଓ୪)ରେ ଏବେ ରହୁଛନ୍ତି ବିଚାରପତି ଜଷ୍ଟିସ ସିଆର ଦାସ । ତେଣୁ ଜଷ୍ଟିସ କୁଦ୍ଦୁସୀଙ୍କ ଘର ▶୩ ପୃଷ୍ଠାରେ

# ମେକ୍ସିକୋରେ ଭୟାବହ ଭୂମିକମ୍ପ, ୨୫୦ ମୃତ

ମେକ୍ସିକୋସିଟି, ୨୦/୯(ଏଜେନ୍ସି): ମେକ୍ସିକୋକୁ ଦୋହଲାଇ ଦେବା ଭଳି ଶକ୍ତିଶାଳୀ ଭୂମିକମ୍ପ ହୋଇଛି । ଏହି ଭୟା ଭହ ଭୂମିକମ୍ପ ଯୋଗୁଁ ୨୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି । ଯେଉଁଥିରେ ରାଜଧାନୀ ମେକ୍ସିକୋସିଟିର ୧୧୭ ଜଣ ମଧ୍ୟ ଶାମିଲ ଅଛନ୍ତି । ଗୃହମନ୍ତ୍ରୀ ମିଗୁଏଲ ଆସୋରିୟା ଚୋଙ୍ଗ ଏହି ସୂଚନା ଦେଇଛନ୍ତି । ସୁତ୍ରରୁ ଜଣା ପଡିଛି ଯେ ୭.୧ତୀବ୍ରତା ବିଶିଷ୍ଟ ଭୁକମ୍ପ ଯୋଗୁଁ ମେକ୍ସିକୋସିଟିର ଦକ୍ଷିଣ ଭାଗରେ ଥିବା ପ୍ରାଥମିକ ବିଦ୍ୟାଳୟର ବିଲଡିଙ୍ଗ ଭୁଶୁଡି ୨୧ ଛାତ୍ରଙ୍କର ମୃତ୍ୟୁ ହୋଇଛି । ରାଜଧାନୀ ମେକ୍ସିକୋ ସିଟିର ମେୟର ମିଗୁଏଲ ଏଞ୍ଜେଲ ମାନସେରା କହିଛନ୍ତି ଯେ କେବଳ ରାଜଧାନୀରେ ୪୪ଟି ସ୍ଥାନରେ କୋଠା ଭୁଶୁଡି ପଡିଛି । ଉଦ୍ଧାରକାରୀ ତାଙ୍କର କାର୍ଯ୍ୟ ଜାରି ରଖିଛନ୍ତି । କିଛି ପରିଜନ କହିଛନ୍ତି ଯେ ତାଙ୍କୁ କୋଠା ତଳେ ଦବିଥିବା ଦୁଇ ଝିଅଙ୍କର ହ୍ୱାଟସଆପ ସନ୍ଦେଶ ମିଳିଛି । ମେକ୍ସିକୋରେ ୧୯୮୫ରେ ଠିକ ଏହି ତାରିଖରେ ଭୂମିକମ୍ପ ଆସିଥିଲା । ଯେଉଁଥିରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହି ଭୂମିକମ୍ପର ଠିକ ଦୁଇ ସପ୍ତାହ ତଳେ ଦେଶର ଦକ୍ଷିଣ ଭାଗରେ ହୋଇଥିବା ଅନ୍ୟ ଏକ ଭୂମିକମ୍ପରେ ୯୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା । ମେକ୍ସିକୋସିଟିର ଦକ୍ଷିଣରେ ମେରେଲାସ ରାଜ୍ୟରେ ୬୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଏହା ଛଡା ରାଜଧାନୀରେ ୩୬ ଜଣ, ପୁଏଲ୍ଲା ରାଜ୍ୟରେ ୨୯ ଜଣ, ମେକ୍ସିକୋ ରାଜ୍ୟରେ ୯ ଜଣ, ଗୁଏରେରୋ ରାଜ୍ୟରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ମାନସେରା କହିଛନ୍ତି ଯେ ମେକ୍ସିକୋସିଟିର ନାଗରିକ ଏବଂ ସହାୟତା କର୍ମୀ ମାନେ ୫୦ରୁ ୬୦ ଜଣ ଲୋକଙ୍କୁ ଜୀବିତ ଉଦ୍ଧାର କରିଛନ୍ତି । ଅଧିକାରୀ

## ସ୍କୁଲ ବିଲଡିଙ୍ଗ ଦବିବା କାରଣରୁ ୨୧ ଛାତ୍ର ମୃତ

ମାନେ କହିଛନ୍ତି ଯେ ରାଜଧାନୀରେ ଅତି କମରେ ୭୦ ଜଣ ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲ ନିଆଯାଇଛି । ସଂଘୀୟ ଗୃହମନ୍ତ୍ରୀ ମିଗୁଏଲ ଏଞ୍ଜେଲ ଆସୋରିୟା ଚୋଙ୍ଗ କହିଛନ୍ତି କି ଏବେବି ବହୁ ଲୋକ କୋଠା ତଳେ ଦବି ରହିଥିବାର ଆଶଙ୍କା କରାଯାଉଛି । ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

## ଦିଲ୍ଲୀ ଉପରେ ମଧ୍ୟ ଭୂମିକମ୍ପର ଭାରି ଆଶଙ୍କା

ମେକ୍ସିକୋସିଟିର ରାଜଧାନୀରେ ଆସିଥିବା ଭୟଙ୍କର ଭୂମିକମ୍ପ ଯୋଗୁଁ ୧୪୦ ଲୋକଙ୍କର ମୃତ୍ୟୁ ହୋଇସାରିଲାଣି । ଏହା ଛଡା ଅନେକ କୋଠା ଧରାଶାୟୀ ମଧ୍ୟ ହୋଇଛି । ଭାରତରେ ମଧ୍ୟ ଏହି ଖବର ପଢୁଥିବା ଲୋକଙ୍କୁ ଡର ଲାଗୁଛି । କାରଣ ନିକଟରେ ରାଷ୍ଟ୍ରୀୟ ଭୁକମ୍ପ ବିଜ୍ଞାନ କେନ୍ଦ୍ର (ଏନସୀଏସ) କହିଛନ୍ତି କି ଦେଶର ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ୯ଟି ରାଜ୍ୟର ରାଜଧାନୀ ଓ ୨୯ ଶହର ଗମ୍ଭୀରରୁ ଅତି ଗମ୍ଭୀର ଭୁକମ୍ପ କ୍ଷେତ୍ରରେ ଆସୁଛି । ଏହା ମଧ୍ୟରେ ▶୩ ପୃଷ୍ଠାରେ



# ଶ୍ରୀମନ୍ଦିରକୁ ସ୍ମାର୍ଟ ଫୋନ ମନା

ପୁରୀ, ୨୦/୯(ଶ୍ରୁ.ମି.): ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଶ୍ରୀ ମନ୍ଦିରର ଫଟୋ ଭାଇରାଲକୁ ନେଇ ଶକ୍ତ ହୋଇଛି ମନ୍ଦିର ପ୍ରଶାସନ । ଶ୍ରୀ ମନ୍ଦିର ଭିତରକୁ ଭକ୍ତଙ୍କୁ ମୋବାଇଲ ନେବା ଉପରେ କଟକଣା ଜାରି କରାଯାଇଥିବା ବେଳେ ଗତ କିଛି ଦିନ ହେବ ଶ୍ରୀ ମନ୍ଦିରର କେତେକ ସମ୍ବେଦନଶୀଳ ସ୍ଥାନର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତେଣୁ ଶ୍ରୀ ମନ୍ଦିର ଭିତରେ ସେବାୟତ, କର୍ମଚାରୀ କିମ୍ବା ପୁଲିସ କେହିବି ସ୍ମାର୍ଟ ଫୋନ ବ୍ୟବହାର କରିପାରିବେ ନାହିଁ ବୋଲି ବୁଧବାର ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି । ତେବେ ଏହା ବଦଳରେ ଶ୍ରୀ ମନ୍ଦିର ପ୍ରଶାସନର ଲଗୋଥାଇ କ୍ୟାମେରା ଓ ବିନା ଇଣ୍ଟରନେଟ ଥିବା ସାଧାରଣ ▶୩ ପୃଷ୍ଠାରେ

# ପ୍ରଭାତଙ୍କୁ ସିବିଆଇର ମାରାଥନ୍ ଜେରା

## ସିବିଆଇ ଅଫିସ୍ ଘେରିଲେ ସମର୍ଥକ, ୧୪୪ ଧାରା ଜାରୀ

ଭୁବନେଶ୍ୱର, ୨୦/୯(ଶ୍ରୁ.ମି.): ଚିଟଫଣ୍ଡ ସଂସ୍ଥା ସି-ସୋର ସହିତ ଜମି କାରବାରରେ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇ ୫ ଦିନିଆ ରିମାଣ୍ଡରେ ଥିବା କଟକ-ଚୌଦ୍ୱାରର ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଧବାର ସିବିଆଇ କାର୍ଯ୍ୟାଳୟ ଠାରେ ମାରାଥନ୍ ଜେରା କରାଯାଇଛି । ଏସଆଇଟିର ଡିଆଇଜି ମନୀଷ କୁମାର ସିହ୍ନାଙ୍କ ନେତୃତ୍ୱରେ ଗଠିତ ଏକ ୫ ଜଣିଆ ଟିମ୍ ବିଧାୟକଙ୍କୁ ଜେରା କରୁଛନ୍ତି । ବିଧାୟକ ଏବଂ ତାଙ୍କ ପତ୍ନୀଙ୍କ ଆକାଉଣ୍ଟକୁ ଆସିଥିବା ପ୍ରଚୁର ଟଙ୍କାର ଉତ୍ସ ନେଇ ଜେରା ଚାଲିଥିବା ଜଣାପଡିଛି । ଗତକାଲି ବିଧାୟକଙ୍କ ବାସଭବନ ସମେତ ୩ ଟି ସ୍ଥାନରେ ରେଡ୍ କରାଯାଇଥିଲା । ଅନ୍ୟପକ୍ଷରେ ଏହି ଗିରଫଦାରୀର ପ୍ରତିବାଦରେ କଟକ-ଚୌଦ୍ୱାରର ବିଜେଡି କର୍ମୀ ଓ ଜଗତସିଂହପୁରର ନାଗରିକ ମଞ୍ଚ ପକ୍ଷରୁ ସିବିଆଇ



ଅଫିସ୍ ଘେରାଉ କରାଯାଇଥିଲା । ଏହି କର୍ମୀ ମାନେ କଟକରୁ ଏକ ବାଇକ୍ ର୍ୟାଲିରେ ଆସି ସିବିଆଇ ଅଫିସ୍ ସମ୍ମୁଖରେ ସମାବେଶ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସିବିଆଇ କାର୍ଯ୍ୟାଳୟ ମଧ୍ୟକୁ ବିକ୍ଷୋଭକାରୀ ମାନେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ▶୩ ପୃଷ୍ଠାରେ

# ବିଜେଡି ସହିତ ସୁବଳଙ୍କ ପରିବାର : ସୁଶାନ୍ତ ସିଂ

**ନିଷ୍ପତ୍ତି ହୋଇନଥିବା କହିଲେ ପୁଅ ସୁମିତ**

ବିଜେପୁର, ୨୦/୯(ଶ୍ରୁ.ମି.): ପରଲୋକଗତ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ପରିବାର ବିଜେଡିରେ ସାମିଲ ହେବା ନେଇ କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି । ଭଟଲି ବିଧାୟକ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହି ସୂଚନା ଦେଇଛନ୍ତି । ଆସନ୍ତା ୨୩ରେ ସୁବଳଙ୍କ ପରିବାର ନବୀନ ନିବାସ ଆସି ବିଜେଡିରେ ଯୋଗ ଦେବେ ବୋଲି ସୁଶାନ୍ତ କହିଛନ୍ତି । ଏପରିକି ମହାପ୍ରୟାଣ ପୂର୍ବରୁ ସୁବଳ ତାଙ୍କ ପରିବାର ଲୋକଙ୍କୁ ବିଜେଡିରେ ମିଶିବାକୁ କହିଥିବା ସୁଶାନ୍ତ ସୂଚନା ଦେଇଛନ୍ତି । ତେବେ ସେଠାରୁ କିଏ ପ୍ରାର୍ଥୀ ହେବେ ସେନେଇ ଚର୍ଚ୍ଚା ଧରିଥିବା ବେଳେ ଏନେଇ ସୁବଳଙ୍କ ପରିବାର ଲୋକ କୌଣସି ସର୍ତ୍ତ ରଖିନଥିବା କଥା ସୁଶାନ୍ତ କହିଛନ୍ତି । ନିର୍ବାଚନ ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ଏନେଇ ସ୍ପଷ୍ଟ କରିବେ ବୋଲି ସୁଶାନ୍ତ କହିଛନ୍ତି । କେବଳ ସୁବଳଙ୍କ ପରିବାର ନୁହଁନ୍ତି ତାଙ୍କର ହଜାର ହଜାର ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହେବେ ବୋଲି ମଧ୍ୟ ଜଣା ପଡିଛି । ମାତ୍ର ସୁବଳଙ୍କ ପୁଅ ସୁମିତ କହିଛନ୍ତି ଯେ, ବିଜେଡିରେ ସାମିଲ ହେବା ନେଇ କୌଣସି ଯୋଜନା ହୋଇନାହିଁ । ପରବର୍ତ୍ତୀ ନିଷ୍ପତ୍ତି ଖୁବ୍ ଶୀଘ୍ର ଘୋଷଣା କରିବୁ । ତେବେ କଂଗ୍ରେସ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛି ।

# ପ୍ରଭାତଙ୍କ ପରେ ପ୍ରସନ୍ନଙ୍କୁ ଚିଟଫଣ୍ଡରେ ଘେରିଲା ବିଜେପି

**ପ୍ରସନ୍ନ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସମୟରେ ଚିଟ୍‌ଫଣ୍ଡ କମ୍ପାନୀମାନଙ୍କୁ ଦେଖାଇଥିଲେ ଅନୁକମ୍ପା**

**ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସମୟରେ ପ୍ରସନ୍ନ ସିସୋରକୁ ଲାଭ ପହଞ୍ଚାଇଥିଲେ । ୨୦୧୨ ବିଷାକ୍ତ ଔଷଧଜନିତ ୧୨ ଜଣଙ୍କ ମୃତ୍ୟୁରେ ତଦନ୍ତ କରିଥିବା ନାୟୁଡୁ କମିଶନ ରିପୋର୍ଟ ଖୁଲାସା କରନ୍ତୁ ରାଜ୍ୟ ସରକାର ।**

ଭୁବନେଶ୍ୱର, ୨୦/୯(ଶ୍ରୁ.ମି.): ବିଜେଡି ସାଂସଦ ତଥା ଚିଟ ଫଣ୍ଡ ମାମଲାରେ ଦଳକୁ ସୁରକ୍ଷା ଦେଉଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କୁ କଟୁ ସମାଲୋଚନା କରିଛ ବିଜେପି । ବୁଧବାର ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ପୁରୋହିତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଶାଣିତ ଆକ୍ରମଣ କରିଛନ୍ତି । ଶ୍ରୀ ପୁରୋହିତ ।ରାମାୟଣ ଯୁଗରେ ପୁତ୍ର ଇନ୍ଦ୍ରଜିତର ମୃତ୍ୟୁରେ ବିଚଳିତ ହୋଇ ରାବଣର ଅଯଥା ଅହଂକାର ପାଇଁ ଯେଉଁ ଭଳି ପତନ ହୋଇଥିଲା, ସେହି ଭଳି ଚିଟ୍ ଫଣ୍ଡ ଦୁର୍ନୀତିରେ ଅଭିଯୁକ୍ତ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଗିରଫଦାରୀରେ ଅହଂକାରୀ ଶାସକ ବିଜେଡିର ପତନ ଘଟିବ ବୋଲି କହିଛନ୍ତି । ଯେଉଁମାନେ ବର୍ତ୍ତମାନ ପ୍ରଭାତ ବିଶ୍ୱାଳଙ୍କ ପାଇଁ ହଙ୍ଗାମା କରୁଛନ୍ତି ଯେତେବେଳେ ଚିଟ ଫଣ୍ଡ କ୍ଷତିଗ୍ରସ୍ତ ରାଜ ରାସ୍ତାରେ ବୁଲୁଥିଲେ ସେତେବେଳେ ସେମାନେ କଉଠିଥିଲେ ବୋଲି




ଶ୍ରୀ ପୁରୋହିତ ପ୍ରଶ୍ନ କରିଛନ୍ତି । ଶ୍ରୀ ପୁରୋହିତ ସିଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଛନ୍ତି ଯେ ବିଜେଡି ୧୦ ଲକ୍ଷ ଚିଟଫଣ୍ଡ ଜମାକାରୀ ମାନଙ୍କ ସାଙ୍ଗରେ ନା ଚିଟଫଣ୍ଡ ଲୁଟେରା ମାନଙ୍କ ସାଙ୍ଗରେ ଏହାର ଜବାବ ଦିଅନ୍ତୁ ବୋଲି ସେ କହିଛନ୍ତି । ସେହିଭଳି ପ୍ରଭାତ ବିଶ୍ୱାଳଙ୍କ ସପକ୍ଷରେ ପ୍ରେସ ମିଟ କରିଥିବା ସାଂସଦ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ଶ୍ରୀ ପୁରୋହିତ ଘେରିଛନ୍ତି । ଶ୍ରୀ ପୁରୋହିତ କହିଛନ୍ତି ଯେ ପ୍ରସନ୍ନ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବା ବେଳେ ବିଷାକ୍ତ ଔଷଧ ସେବନ କାରଣରୁ ୧୨ ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାର ତଦନ୍ତ ଜଷ୍ଟିସ ନାୟୁଡୁଙ୍କ ଦ୍ୱାରା କରାଯାଇଥିଲା । ନାୟୁଡୁ କମିଶନ ୨୦୧୫ ମସିହାରେ ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଥିବା ସତ୍ତ୍ୱେ ତାହାକୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଚପାଇ ରଖିଛନ୍ତି । ନାୟୁଡୁ କମିଶନଙ୍କ ରିପୋର୍ଟ ଖୁଲାସା ହେଲେ ଶ୍ରୀ ଆଚାର୍ଯ୍ୟଙ୍କ ସମେତ ରାଜ୍ୟ ସରକାରଙ୍କ ପାଇଁ ଅସୁବିଧା ସୃଷ୍ଟି ହେବାର ଶଙ୍କା ଘାରିଛି ବୋଲି ଶ୍ରୀ ପୁରୋହିତ କହିଛନ୍ତି । କେଉଁ କେଉଁ ଚିଟ ଫଣ୍ଡ କମ୍ପାନୀ ସହ କଣ କଣ ବୁଝାମଣା ପତ୍ର ହୋଇ କାହାକୁ କେଉଁ କେଉଁ ସୁବିଧା ଦିଆ ଯାଇଛି ଓ ଏଥିରୁ ଶ୍ରୀଯୁକ୍ତ ଆଚାର୍ଯ୍ୟ ବ୍ୟକ୍ତିଗତ ଭାବରେ ଓ ଦଳ ତଥା ଦଳର ନେତା ମାନଙ୍କ ପାଇଁ କଣ ସୁବିଧା ନେଇଛନ୍ତି ତାହା ସ୍ପଷ୍ଟ କରିବାକୁ ଆହ୍ୱାନ ଜଣାଇବା ସହ ନାୟୁଡୁ କମିଶନଙ୍କ ରିପୋର୍ଟକୁ ଖୁଲାସା କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଶ୍ରୀଯୁକ୍ତ ଆଚାର୍ଯ୍ୟ ତାଙ୍କର ସ୍ୱାସ୍ଥ୍ୟମନ୍ତ୍ରିତ୍ୱ କାଳରେ ତାଙ୍କର କଳା କାରନାମା ସମ୍ପର୍କରେ ସ୍ପଷ୍ଟୀକରଣ ନ ରଖିଲେ ତାଙ୍କ ଦଳ ତରଫରୁ ଗଣମାଧ୍ୟମରେ ସ୍ପଷ୍ଟ କରାଯାଇ ଶ୍ରୀ ଆଚାର୍ଯ୍ୟଙ୍କର ମୁଖା ଖୋଲି ଦିଆ ଯିବ ବୋଲି ଶ୍ରୀ ପୁରୋହିତ ଚେତାବନୀ ଦେଇଛନ୍ତି । ବିଜେଡି ନେତାମାନେ ପ୍ରଭାତ ବିଶ୍ୱାଳ ଚିଟ ଫଣ୍ଡ ଲୁଟରେ ଭାଗିଦାର ନାହାନ୍ତି ବୋଲି କହିବାକୁ ସତସାହାସ କରି ପାରୁ ନାହାନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

## ଜବାବ ରଖିଲା ବିଜେଡି

ଏହାର ଜବାବରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ବିଜେଡି ଜମାକାରୀ ମାନଙ୍କ ସହିତ ଅଛି । ସିବିଆଇକୁ ଏକ ରାଜନୈତିକ ଅସ୍ତ୍ର ଭାବେ କେନ୍ଦ୍ରସରକାର ବ୍ୟବହାର କରୁଛନ୍ତି । ସେଥିପାଇଁ ବର୍ତ୍ତମାନ ଏହି ଗିରଫଦାରୀ ହୋଇଛି । ସେହିପରି କ୍ରାଇମବ୍ରାଞ୍ଚ ତଦନ୍ତ କରିବା ସମୟରେ ଯେଉଁଭଳି ଅବସର ସୃଷ୍ଟି କରିପାରୁଥିଲା ସିବିଆଇ ତଦନ୍ତ କରିବା ବେଳେ ସେପରି ଅବସର ସୃଷ୍ଟି କରିପାରୁନାହିଁ । ମନି ଟ୍ରେଲ ନେଇ ଯେଉଁ ଦାୟିତ୍ୱଥିଲା ସିବିଆଇର ସେ ଦାୟିତ୍ୱ ମଧ୍ୟ ସଠିକ ଭାବେ ତୁଲାଇ ପାରି ନାହିଁ । ଯଦି କ୍ରାଇମବ୍ରାଞ୍ଚ ତଦନ୍ତ କରିଥାନ୍ତା ବୋଧହୁଏ ଜମାକାରୀ ମାନେ ଟଙ୍କା ଫେରିପାଇଥାନ୍ତେ ।